# ଆଜି ସମସ୍ତ ବ୍ଲକର ଜୋନ୍-୧ରେ ଭୋଟ ଗଣତି

### ବଢୁଛି ପ୍ରାର୍ଥୀଙ୍କ ହୃଦ୍‌ସ୍ପନ୍ଦନ

ନବରଙ୍ଗପୁର,୨୫।୨(ବି.ପ୍ର.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶେଷ ହୋଇଛି। ଶନିବାରଠାରୁ ୩ ଦିନିଆ ଭୋଟ ଗଣତି କାର୍ଯ୍ୟକ୍ରମ ଆରମ୍ଭ ହେଉଛି। ଏହାକୁ ନେଇ ସମସ୍ତ ପ୍ରାର୍ଥୀଙ୍କ ହୃଦ୍‌ସ୍ପନ୍ଦନ ବଢ଼ିବାରେ ଲାଗିଛି। କିଏ ବିଜୟ ମୁକୁଟ ପିନ୍ଧିବେ ଆଉ କାହାକୁ ପରାଜୟ ସ୍ୱୀକାର କରିବାକୁ ପଡ଼ିବ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଶନିବାର ପ୍ରତ୍ୟେକ ବ୍ଲକର ଜୋନ୍-୧ ରେ ଭୋଟ ଗଣତି ହେବ। ସେହିପରି ୨୭ ରେ ଜୋନ୍-୨ ଏବଂ ୨୮ ରେ ଜୋନ୍-୩ ଓ ଜୋନ୍ ୪ର ଭୋଟ ଗଣତି କରାଯିବ। କେବଳ ରାଇଘର ବ୍ଲକରେ ୪ ନମ୍ବର ଜୋନ୍ ଥିବାରୁ ଏଠାରେ ଆଉ ଏକ ସ୍ୱତନ୍ତ୍ର ବଖରା କରାଯିବ। ଜିଲାର ୧୮୯ ପଞ୍ଚାୟତର ୧୮୯ ଟେବଲରେ ଭୋଟ ଗଣତି ପ୍ରକ୍ରିୟା କରାଯିବ। ପ୍ରଥମେ ୱାର୍ଡ ମେମ୍ବର, ଦ୍ୱିତୀୟରେ ସରପଞ୍ଚ, ତୃତୀୟରେ ସମିତି ସଭ୍ୟ ଏବଂ ଶେଷରେ ଜିଲା ପରିଷଦ ସଭ୍ୟ ପ୍ରାର୍ଥୀଙ୍କ ଭୋଟ ଗଣତି ହେବ। ଗୋଟିଏ ଗୋଟିଏ ଟେବୁଲରେ ଜଣେ କାଉଣ୍ଟିଂ ସୁପରଭାଇଜର, ୨ କାଉଣ୍ଟିଂ ଆସିଷ୍ଟାଣ୍ଟ ଏବଂ ଜଣେ ଗ୍ରୁପ୍ ଡି ମୋଟ ୪ ଜଣ ଲେଖାଏ ରହିବେ। ସକାଳ ୮ଟାରୁ ଗଣତି ଆରମ୍ଭ ହେବ। ଗୋଟିଏ ଗୋଟିଏ ରାଉଣ୍ଡକୁ ଏକଘଣ୍ଟା ସମୟ ଲାଗିବ ବୋଲି ସୂଚନା ମିଳିଛି।

## ଉମରକୋଟ ବ୍ଲକ୍‌ର ୯୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ

ଉମରକୋଟ,୨୫।୨(ସ୍ୱ.ପ୍ର.)



ବିରୋଧୀଦଳର କର୍ମୀମାନେ ଷ୍ଟ୍ରଙ୍ଗରୁମ୍ ଆଗରେ ଡେରା ପକାଇଛନ୍ତି ।

ଉମରକୋଟ ବ୍ଲକର ୨୯୬ ବୁଥ୍‌ରୁ ଆସିଥିବା ବାଲଟ ବାକ୍ସ ପେଣ୍ଡ୍ରାଣୀ କଲେଜସ୍ଥିତ ଷ୍ଟ୍ରଙ୍ଗରୁମ୍‌ରେ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି। ରୁମ୍ ଭିତରେ ସିସିଟିଭି କ୍ୟାମେରା ଏବଂ ରୁମ୍ ଚାରିପାର୍ଶ୍ୱରେ ପୋଲିସ ଫୋର୍ସ ପଇଁତରା ମାରୁଛନ୍ତି। ଭୋଟବାକ୍ସର ସ୍ଥିତି ସମସ୍ତେ ଜାଣିବା ପାଇଁ ବାହାରେ ଏଲ୍ଇଡି ଟିଭି ଲଗାଯାଇଛି। ଶନିବାର ସକାଳ ୮ଟାରୁ ଗଣତି ଆରମ୍ଭ ହେବ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ୧ନଂ. ଜୋନ୍‌ର ପ୍ରାର୍ଥୀଙ୍କ ଭୋଟ ଗଣତି ହେବ। ଏହି ଜୋନ୍‌ରେ ୮ ପଞ୍ଚାୟତ ରହିଛି। ସେହିପରି ୩ ଜିଲା ପରିଷଦ ସଭ୍ୟ ପ୍ରାର୍ଥୀ, ୱାର୍ଡ ମେମ୍ବର ପାଇଁ ୩୮, ସରପଞ୍ଚ ପାଇଁ ୨୬ ଓ ସମିତି ସଭ୍ୟ ପାଇଁ ୨୩ ପ୍ରାର୍ଥୀ ରହିଛନ୍ତି। ଶନିବାର ସମସ୍ତ ୯୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ଭୋଟବାକ୍ସର ସୁରକ୍ଷା ପାଇଁ ଭାଜପା ଓ କଂଗ୍ରେସ ଦଳର କର୍ମୀମାନେ ଗୁରୁବାରଠାରୁ ଷ୍ଟ୍ରଙ୍ଗ୍‌ରୁମ୍ ନିକଟରେ ଜଗି ରହିଛନ୍ତି।

## ବିଜୟ ମୁକୁଟକୁ ନେଇ ସବୁ ପ୍ରାର୍ଥୀ ଚିନ୍ତାରେ

ରାୟଗଡ଼ା ଅଫିସ/ବିଷମକଟକ, ୨୫।୨(ଡି.ଏନ୍.ଏ.)

ଫେବୃୟାରୀ ୨୬ ରୁ ୨୮ ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ ଜିଲା ପରିଷଦ ଆସନ ୱାରି ଭୋଟ ଗଣତି ହେବ। ଏଥିପାଇଁ ପ୍ରାଶସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। କଡ଼ା ସୁରକ୍ଷା ମଧ୍ୟରେ ବାଲଟ ବାକ୍ସ ଷ୍ଟ୍ରଙ୍ଗରୁମ୍‌ରେ ରହିଛି। ଗଣତି କକ୍ଷରେ ଗଣତି ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏଥିପାଇଁ କୋଭିଡ୍ ମାର୍ଗଦର୍ଶିକା ଅନୁପାଳନ କରାଯିବ। ପ୍ରତି ଷ୍ଟ୍ରଙ୍ଗରୁମ୍ ପରିସରରେ ସିସିଟିଭି କ୍ୟାମେରା ଲଗାଯାଇଥିବାସ୍ଥଳେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଜିଲାପାଳ ସରୋଜ କୁମାର ମିଶ୍ର ସୂଚନା ଦେଇଛନ୍ତି। ଅନୁରୂପ ଭାବେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଷ୍ଟ୍ରଙ୍ଗରୁମ୍ ପରିସରରେ ଉପସ୍ଥିତ ରହିବା ନିମନ୍ତେ ଅନୁମତି ପ୍ରଦାନ କରାଯାଇଥିବା କୁହାଯାଇଛି। ସମ୍ପ୍ରତି ବିରୋଧି ଦଳର ପ୍ରାର୍ଥୀ ବାଲାଟ ବାକ୍ସ ଟ୍ୟାମ୍ପରିଂ କରିବା ସନ୍ଦେହରେ ଷ୍ଟ୍ରଙ୍ଗରୁମ୍ ପରିସରରେ ଭୋଟ ଗ୍ରହଣ ପରଠାରୁ ଡେରା ପକାଇଛନ୍ତି।

### ଆଜିଠୁ ଭୋଟ ଗଣତି




ବିଷମକଟକ ବ୍ଲକରେ 'କ' ଜୋନ୍‌ରେ ୪ ପ୍ରାର୍ଥୀ, 'ଖ' ଜୋନ୍‌ରେ ୭ ଜଣ ପ୍ରାର୍ଥୀ ମୋଟ ୧୧ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ସରପଞ୍ଚ ପ୍ରାର୍ଥୀ 'କ' ଜୋନ୍‌ରେ ୩୬ ଏବଂ 'ଖ' ଜୋନ୍‌ରେ ୪୮ ଜଣ ଏବଂ ସମିତି ସଭ୍ୟ ପ୍ରାର୍ଥୀ ୬୬ ଜଣ ରହିଛନ୍ତି। ଚଳିତ ଥର ଭୋଟ ଗଣତି ବୁଥ୍ ସ୍ତରରେ ନ କରାଯାଇ ବ୍ଲକସ୍ତରରେ କରାଯାଉଛି। ନିଜ ବ୍ଲକରେ ସମସ୍ତ ପ୍ରାର୍ଥୀଙ୍କ ଭୋଟ ଗଣତି ହେବ। ଏଥିପାଇଁ ଜିଲା ପ୍ରଶାସନ ଏବଂ ନିର୍ବାଚନ ଆୟୋଗ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ। ତେବେ ହାତୀ କାହା ମୁଣ୍ଡରେ ସୁନା କଳସ ଢାଳିବ ଏବଂ କିଏ ବିଜୟ ମୁକୁଟ ପିନ୍ଧିବ ତାହାକୁ ନେଇ ଏବେ ସମସ୍ତ ପ୍ରାର୍ଥୀ ଚିନ୍ତାରେ ରହିଛନ୍ତି।

## ସଂକ୍ଷେପରେ

### ଦମ୍ପତିଙ୍କୁ ଆକ୍ରମଣ ମାମଲା, ଅଭିଯୁକ୍ତ ଗିରଫ

ଆସିକା,୨୫।୨(ଡି.ଏନ.ଏ)-ଆସିକା ଥାନା ବାବନପୁର ଗ୍ରାମରେ ଗତ ୨୨ରେ ପ୍ରମୋଦ ଦାସ (୭୦) ଓ ତାଙ୍କ ସ୍ତ୍ରୀ ଗିରିଜା (୬୦)ଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଶୁକ୍ରବାର ପୋଲିସ ଏହି ମାମଲାରେ ପ୍ରମୋଦଙ୍କ ପଡୋଶୀ ସୁରେନ୍ଦ୍ର ଜେନାଙ୍କୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଏହି ଦମ୍ପତିଙ୍କୁ ଅଭିଯୁକ୍ତ ଜଣକ ଛୁରାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଆହତ ଦମ୍ପତିଙ୍କୁ ବ୍ରହ୍ମପୁର ବଡମେଡିକାଲକୁ ପଠାଯାଇଥିଲା। ଆହତଙ୍କ ପୁଅ ହିମାଂଶୁ ଶେଖରଙ୍କ ଏତଲା କ୍ରମେ ଆସିକା ପୋଲିସ ନଂ.୧୦୧/୨୨ରେ ଏକ ମାମଲା ରୁଜୁ କରିଥିଲା ।

### ଆକ୍ରମଣ ମାମଲାରେ ଅଭିଯୁକ୍ତ ଗିରଫ

ଆସିକା,୨୫।୨(ଡି.ଏନ.ଏ)- ଆସିକା ଥାନା ଅନ୍ତର୍ଗତ ଗୁଣ୍ଡପଡା ଗ୍ରାମରେ ଗତ ଶନିବାର ସାପୁଆପଲ୍ଲୀ ଗ୍ରାମର ମୁନା ନାହାକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା । ଏହି ମାମଲାରେ ପୋଲିସ ଶୁକ୍ରବାର ଗୁଣ୍ଡପଡା ଗ୍ରାମର ଚିଣ୍ଟୁ ପାତ୍ରଙ୍କୁ କୋର୍ଟ ଚାଲାଣ କରାଯାଇଛି। ଶନିବାର ମୁନା ଗୁଣ୍ଡପଡା ଗ୍ରାମର ବଳିଆ ନାଇକଙ୍କ ପାଖକୁ ସେ କାମ କରିଥିବା ମଜୁରି ଟଙ୍କା ମାଗିବାକୁ ଯାଇଥିବା ବେଳେ ବଳିଆ ଓ ଚିଣ୍ଟୁ ତାଙ୍କୁ ଆକ୍ରମଣ କରିଥିଲେ । ଘଟଣା ସମ୍ପର୍କରେ ଆହତଙ୍କ ଭାଇ ବୁଲା ନାହାକ ଆସିକା ଥାନାରେ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ନଂ. ୯୩/୨୨ରେ ମାମଲା ରୁଜୁ କରାଯାଇଥିଲା। ଅନ୍ୟଜଣେ ଅଭିଯୁକ୍ତ ଫେରାର ଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

### କାର୍ଯ୍ୟାନୁଷ୍ଠାନ ଦାବି କଲା ଓଏଏସ୍ ସଂଘ

#### ବିଡିଓଙ୍କୁ ୪ କି.ମି. ଚଲାଇବା ଘଟଣା

ଛତ୍ରପୁର,୨୫।୨(ଡି.ଏନ୍.ଏ.)-ପାତ୍ରପୁର ବିଡିଓ ପ୍ରକାଶ କୁମାର ଦାସଙ୍କୁ ତୁମ୍ବା ପଞ୍ଚାୟତ ଧାଡ଼ିଆମ୍ବ ଗ୍ରାମବାସୀ ୪ କି.ମି. ଚଲାଇବା ଘଟଣାକୁ ନେଇ ଓଏଏସ ସଂଘ ପକ୍ଷରୁ ତୀବ୍ର ପ୍ରକାଶ ପାଇଛି। ଏଭଳି ଘଟଣାକୁ ସଂଘ ନିନ୍ଦା କରିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛି । ଏ ନେଇ ଓଏଏସ ସଂଘର ଏକ ପ୍ରତିନିଧିଦଳ ଶୁକ୍ରବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଭୋଟର ଲିଷ୍ଟରେ ନାଁ ନ ଥିବାରୁ ଧାଡ଼ିଆମ୍ବ ଗ୍ରାମବାସୀ ବିଡିଓଙ୍କ ଗାଡିକୁ ଅଟକାଇବା ସହ ତାଙ୍କୁ ୪ କି.ମି. ପର୍ଯ୍ୟନ୍ତ ଚଲାଇ ନେଇଥିଲେ । ପରେ ପ୍ରଶାସନ ଓ ପୋଲିସ ଅଧିକାରୀ ବିଡିଓଙ୍କୁ ଉଦ୍ଧାର କରିଥିଲେ । ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ସ୍ମାରକପତ୍ର ପ୍ରଦାନ ବେଳେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ୍ ଓ ପ୍ରିୟ ରଞ୍ଜନ ପୃଷ୍ଟି , ଛତ୍ରପୁର ଉପଜିଲାପାଳ ନୀଳମାଧବ ଭୋଇ, ପ୍ରକାଶ କୁମାର ମିଶ୍ର, ରାଜକିଶୋର ପଟ୍ଟନାୟକ, ସସ୍ମିତା ଶତପଥୀ, ମନୋରଞ୍ଜନ ସାହୁ, ନିତୀଶ ତ୍ରିପାଠୀ, ରାଜକିଶୋର ଜେନା ଓ ଦିଲୀପ କୁମାର ନାୟକ ପ୍ରମୁଖ ଓଏଏସ ଅଫିସର ଉପସ୍ଥିତ ଥିଲେ ।

# ଜିଲାର ନାମ ରାୟଗଡ଼ା ବଦଳରେ ରାୟଗଡ଼ କରାଯାଉ

ରାୟଗଡ଼ା ଅଫିସ,୨୫।୨–

### ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ପାଇଁ ନିବେଦନ




ସରକାରୀ ଓ ବେସରକାରୀ ସ୍ତରରେ ରାୟଗଡ଼ା ବଦଳରେ ଜିଲାର ନାମକୁ ରାୟଗଡ଼ ବାଧ୍ୟତାମୂଳକ କରିବାକୁ ଯୁବ ସ୍ତମ୍ଭକାର ହୃଶିକେଷ ପ୍ରଧାନ ଜିଲାପାଳଙ୍କୁ ସାକ୍ଷାତ କରି ନିବେଦନ କରିଛନ୍ତି। ରାୟଜାନୀ ସର୍ଦ୍ଦାରଙ୍କ ଗଡ଼ ଅନୁଯାୟୀ ଏହି ଜିଲାର ନାମ ରାୟଗଡ଼ ବୋଲି କିମ୍ବଦନ୍ତୀ ବିଦିତ। କିନ୍ତୁ ଅଣ ଓଡ଼ିଆଙ୍କ ଉଚ୍ଚାରଣ ଗତ ତ୍ରୁଟି ଯୋଗୁ ଏହା କ୍ରମଶଃ ରାୟଗଡ଼ାରେ ପରିଣତ ହୋଇଛି। ଏହାର ପ୍ରଭାବ ଜିଲା ତଥା ରାଜ୍ୟର ଅଧିକାଂଶ ସ୍ଥାନରେ ଦେଖାଯାଇଛି। ସରକାରୀ ଦପ୍ତରଠାରୁ ଆରମ୍ଭ କରି ଘରୋଇ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଠାରୁ ଆରମ୍ଭ କରି ସରକାରୀ ଓ ବେସରକାରୀ ବିଜ୍ଞାପନର ହୋର୍ଡିଂ ସବୁଠି ଶୁଦ୍ଧ ଓଡ଼ିଆ ଭାଷାରେ ଲେଖାଯିବା ସହ ମାତୃଭାଷାକୁ ଗୁରୁତ୍ୱ ଦେବାପାଇଁ ସରକାର ନିୟମ ପ୍ରଣୟନ କରିଛନ୍ତି। କେତେକ ସରକାରୀ କାର୍ଯ୍ୟାଳୟରେ ପ୍ରକୃତ ବନାନ ଲେଖାଯାଇଥିଲେ ମଧ୍ୟ ଏହା ସମସ୍ତ ପ୍ରାନ୍ତରେ ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହୋଇନାହିଁ। ବିଭିନ୍ନ ପୁସ୍ତକରେ ଏହି ବନାନଗତ ତ୍ରୁଟି ଆଗାମୀ ପିଢ଼ିଙ୍କ ମନରେ ଜିଲାର ନାମକରଣ ପ୍ରତି ଭିନ୍ନ ଭାବନା ଜାଗ୍ରତ ହେବ। ଜିଲାର ଅଧିକାଂଶ ଓଡ଼ିଆ ଠିକ୍ ନାମ ଉଚ୍ଚାରଣ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ। ତେଣୁ ଇତିହାସର ପୃଷ୍ଠା ଅବଲୋକନ କରି ଜିଲାର ନାମ ସମସ୍ତ ସ୍ଥାନରେ ରାୟଗଡ଼ା ପରିବର୍ତ୍ତେ ରାୟଗଡ଼ ଉଭୟ ଓଡ଼ିଆ ଏବଂ ଇଂଲିଶରେ ବାଧ୍ୟତାମୂଳକ କରାଯିବା ଆବଶ୍ୟକତା ରହିଛି। ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ପାଇଁ ସେ ଜିଲାପାଳଙ୍କ ନିକଟରେ ଅନୁରୋଧ କରିଛନ୍ତି। ଏ ଦିଗରେ ପଦକ୍ଷେପ ନେବାପାଇଁ ଚେଷ୍ଟିତ ହେବେ ବୋଲି ଜିଲାପାଳ କହିଛନ୍ତି।

## ଘରେ ପଶି ବୃଦ୍ଧାଙ୍କୁ ହତ୍ୟା, କାରଣ ଅସ୍ପଷ୍ଟ

ବ୍ରହ୍ମପୁର ଅଫିସ,୨୫।୨

ଗଞ୍ଜାମ ଜିଲା ସଦର ଥାନା ଅନ୍ତର୍ଗତ ଅଳକାପୁରୀ ସପ୍ତମ ଲାଇନ୍‌ର ରହୁଥିବା ଜଣେ ବୃଦ୍ଧାଙ୍କ ଗଳାକାଟି ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତା ମହିଳା ହେଲେ ସୁରଜା ବେହେରା (୬୦)। ସୁରଜାଙ୍କ ସ୍ୱାମୀ ବିଜୟ ଚରଣ ବେହେରା ବୁଧବାର ସାନ୍ଧ୍ୟ ଭ୍ରମଣରେ ଯାଇଥିବା ବେଳେ ରାତି ପ୍ରାୟ ୮ଟା ପୂର୍ବରୁ ଏହି ହତ୍ୟାକାଣ୍ଡ ଘଟିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାତିସାରା ଜଗି ରହିଥିଲା। ଶୁକ୍ରବାର ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ। ଘରେ କେବଳ ସୁରଜାଙ୍କ ମୋବାଇଲ ଫୋନ୍‌ଟି ନ ଥିବା ବେଳେ ଅନ୍ୟ ସମସ୍ତ ଜିନିଷ ସୁରକ୍ଷିତ ରହିଛି। ମୋବାଇଲ ଫୋନ୍ ଲୋକେଶନ ଲୋଚାପଡା ଦେଖାଉଛି। କିଏ ଓ କାହିଁକି ସୁରଜାଙ୍କୁ ହତ୍ୟା କଲା ତାହାର ତଦନ୍ତ ଚାଲିଛି। ପଞ୍ଚନାମା ପରେ ମୃତଦେହକୁ ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ନଂ.୯୫/୨୨ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛନ୍ତି। କିଏ ଓ କାହିଁକି ସୁରଜାଙ୍କୁ ହତ୍ୟା କଲା ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି। ଅଳକାପୁରୀ ସପ୍ତମ ଲାଇନରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବିଜୟ ବେହେରା ଓ ତାଙ୍କ ସ୍ତ୍ରୀ ସୁରଜା ରହୁଥିଲେ। ପୁଅ ରଶ୍ମିରଞ୍ଜନଙ୍କ ପ୍ରାୟ ୧ମାସ ତଳେ ବିବାହ ହୋଇଛି। ସେ ଭୁବନେଶ୍ୱରରେ ତାଙ୍କ ସ୍ତ୍ରୀଙ୍କ ସହିତ ରହୁଛନ୍ତି। ବିଜୟ ଗୁରୁବାର ସାନ୍ଧ୍ୟ ଭ୍ରମଣରେ ଯାଇ ରାତି ପ୍ରାୟ ୮ଟା ପରେ ସ୍ତ୍ରୀ ସୁରଜାଙ୍କୁ ଫୋନ୍ କରିଥିଲେ। ସେ ଫୋନ୍ ନ ଉଠାଇବାରୁ ଘରକୁ ଫେରିଥିଲେ। ଘରର ମୁଖ୍ୟ ଫାଟକରେ ତାଲା ପଡ଼ିଥିବା ଦେଖିଥିଲେ। ପଡ଼ୋଶୀଙ୍କୁ ଡାକି ତାଲା ଭାଙ୍ଗି ଭିତରକୁ ପଶିବାରେ ଖଟ ଉପରେ ସୁରଜାଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖିଥିଲେ।

## ୨୦ ଛେଳିଚାଷୀ ନେଲେ ଦକ୍ଷତା ବୃଦ୍ଧି ତାଲିମ




କାର୍ଯ୍ୟକ୍ରମରେ ଉପସ୍ଥିତ ତାଲିମଦାତାମାନେ ।

ଡାବୁଗାଁ,୨୫।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ଜିଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଚାଲିଥିବା ୨ ଦିନିଆ ଛେଳି ପାଳନ ଉପରେ ଦକ୍ଷତା ବୃଦ୍ଧି ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଶିବିରକୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ରମେଶ ଚନ୍ଦ୍ର ସାହୁ ଗୁରୁବାର ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଶିକ୍ଷକଭାବେ ଜିଲା ପଶୁ ପାଳନ ମଙ୍ଗଳ ଅଧିକାରୀ ଡା. ଦିଲ୍ଲୀପ କୁମାର କବିରାଜ, ଉମରକୋଟ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସାଧିକାରୀ ଡା. ଆଶିଷ କୁମାର ମହାପାତ୍ର ଏବଂ ଡାବୁଗାଁ ମିଶନ ଶକ୍ତି ସଂଯୋଜିକା ରୋଜାଲିନ ପ୍ରଧାନ ପ୍ରମୁଖ ତାଲିମ ଦେଇଥିଲେ। ଏଥିରେ ଛେଳି ପାଳନ, ଟୀକାକରଣ, ବିଭିନ୍ନ ରୋଗ ଓ ନିଦାନ ଏବଂ ଏସ୍‌ଏଚ୍‌ଜି ମାଧ୍ୟମରେ ଛେଳି ପାଳନର ଉପଯୋଗିତା ଉପରେ ତାଲିମ ଦିଆଯାଇଥିଲା। ଏଥିରେ ୨୦ ମହିଳା ଓ ପୁରୁଷ ଛେଳି ଚାଷୀ ତାଲିମ ନେଇଥିଲେ। ଶିବିରକୁ ଡାବୁଗାଁ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ସାରସ୍ୱତ ସାହୁ ପରିଚାଳନା କରିଥିଲେ।

# ୧୯ ବର୍ଷରୁ କମ୍ ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ନବରଙ୍ଗପୁର,୨୫।୨(ବି.ପ୍ର.)




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅତିଥିମାନେ।

ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ଅନୁକୂଲ୍ୟରେ ନବରଙ୍ଗପୁର ଇନ୍‌ଡୋର ଷ୍ଟାଡିୟମଠାରେ ୧୯ ବର୍ଷରୁ କମ୍ ରାଜ୍ୟସ୍ତରୀୟ ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ର ଯୋଗଦେଇ ରାଜ୍ୟର କୋଣ ଅନୁକୋଣରୁ ଆସିଥିବା ସମସ୍ତ ଖେଳାଳି, ସେମାନଙ୍କ ଅଭିଭାବକ, ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘର ସମସ୍ତ କର୍ମକର୍ତ୍ତାଙ୍କୁ ସ୍ୱାଗତ ଜଣାଇବା ସହ ଖେଳର ମାନବୃଦ୍ଧି ଉପରେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହି ଏଥିରେ ସମ୍ମାନୀତ ଅତିଥି ରୂପେ ନବରଙ୍ଗପୁର ଏସ୍‌ପି ପି. ଆର୍. ପରଷୋତ୍ତମ ଦାସ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ନବରଙ୍ଗପୁର ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ଜିଲା କ୍ରୀଡ଼ାଧିକାରୀ ମହେନ୍ଦ୍ର କୁମାର ସାହୁ, ଜୋନାଲ୍ ସମ୍ପାଦକ ଶୈଳେନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ। ପରେ ଜିଲାପାଳ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ପକ୍ଷରୁ ଆସିଥିବା ମୁଖ୍ୟ ରେଫ୍‌ରି ଉମାକାନ୍ତ ମହନ୍ତଙ୍କ ସମେତ ଅନ୍ୟ ୧୦ କ୍ରୀଡ଼ାଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୧୬ ବାଳିକା ଏବଂ ୮୦ରୁ ଉର୍ଦ୍ଧ୍ୱ ବାଳକ ଅଂଶଗ୍ରହଣ କରିଛନ୍ତି। ୩ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୩୬ ମ୍ୟାଚ୍ ଖେଳାଯିବ। ରବିବାର ହେବାକୁ ଥିବା ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘର ରାଜ୍ୟ ସମ୍ପାଦକ ନିଲିନ୍ କୁମାର ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଟୁର୍ଣ୍ଣାମେଣ୍ଟରେ ନବରଙ୍ଗପୁର ବ୍ୟାଡ୍‌ମିଣ୍ଟନ ସଂଘର ସଭାପତି ରାକେଶ ଗୁପ୍ତା ସଭାପତିତ୍ୱ କରିଥିବା ବେଳେ ଜିଲା କ୍ରୀଡ଼ା ସଂଘର ସହ ସମ୍ପାଦକ କେ. ରାଓ, ସୁଶୀଲ ଜୈନ, ଲିଙ୍ଗରାଜ ମହାନ୍ତି, ଜି. ପ୍ରସାଦ, ଉମାକାନ୍ତ ରାଉଳ, ଚନ୍ଦନ ମହାରଣା, ସ୍ୱାଧୀନ ପୂଜାରୀ, ଧର୍ମେନ୍ଦ୍ର, କପିଳ ଜୈନ, ସୁରଜ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

## ଗୁଣପୁର ପୌରାଧକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ

ଗୁଣପୁର,୨୫।୨(ଡି.ଏନ.ଏ)

ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ମାର୍ଚ୍ଚ ୨୪ରେ ଭୋଟ ହେବ ବୋଲି ଘୋଷଣା ହୋଇଛି। ସ୍ଥାନୀୟ ସ୍ତରରେ ଏ ନେଇ ୨୮ ରେ ବିଦ୍ଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ନିର୍ବାଚନକୁ ନେଇ ବିଗୁଲ ବାଜିବା ପରେ ଏବେ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଗୁଣପୁର ପୌରାଧକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବାବେଳେ ସିଧାସଳଖ ନିର୍ବାଚନ ଅନୁଷ୍ଠିତ ହେବ। ଏହା ଏବେ ଗୁଣପୁର ରାଜନୀତି ପାଣିପାଗକୁ ସରଗରମ କରିଛି। ମହିଳା ପ୍ରାର୍ଥୀ ସବୁ ଦଳ ପାଇଁ ଚିନ୍ତାର କାରଣ ହୋଇଛି।

### ଚିନ୍ତାରେ ପୁରୁଷ ଆଶାୟୀ

ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ପକ୍ଷରୁ ମହିଳା ପ୍ରାର୍ଥୀଙ୍କୁ ନେଇ ଆରମ୍ଭ ହୋଇଛି ମାନସ ମନ୍ଥନ। କାହାକୁ ପ୍ରାର୍ଥୀ କରାଯିବ ତାହାକୁ ନେଇ ଦଳ ଭିତରେ ଚିନ୍ତାର କାରଣ ହୋଇଛି। ଅଧକ୍ଷ ପଦ ପାଇଁ ପୁରୁଷ ଆଶାୟୀ ଲବିରେ ଥିବାବେଳେ ମହିଳାଙ୍କ ପାଇଁ ସଂରକ୍ଷିତ ହେବାରୁ ସେମାନଙ୍କ ଆଶା ମଉଳିଛି। ପୁରୁଷ ଆଶାୟୀ ଏବେ ସେମାନଙ୍କ ସ୍ତ୍ରୀ କିମ୍ବା ସମ୍ପର୍କୀୟଙ୍କ ନାମରେ ଟିକଟ ପାଇବାରେ କେତେଦୂର ସଫଳ ହେଉଛନ୍ତି ତାହାକୁ ଅପେକ୍ଷା।

# ଫୋନ କରିବାକୁ ଯିବାକୁ ପଡ଼େ ୪କି.ମି.

ଟିକିରି,୨୫।୨(ଡି.ଏନ୍.ଏ.)

### ବେଲଗଛତୁଣ୍ଡା ଗ୍ରାମ

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତର ବେଲଗଛତୁଣ୍ଡା ଗ୍ରାମର ଗ୍ରାମବାସୀ ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଗ୍ରାମକୁ ପାନୀୟ ଜଳ, ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର, ପକ୍କାରାସ୍ତା, ଗାଁକୁ ନେଟ୍‌ୱର୍କ ସେବା ଏଯାଏ ଅପହଞ୍ଚ ହୋଇ ରହିଛି।

ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ବେଲଗଛତୁଣ୍ଡା ଗ୍ରାମବାସୀଙ୍କ ମୁଖ୍ୟ ସମସ୍ୟା ରହିଛି ପାନୀୟ ଜଳ। ପାଣି ମୁନ୍ଦେ ପାଇଁ ସେମାନଙ୍କୁ ଗ୍ରାମଠାରୁ ୧ କି.ମି. ଦୂର ଯିବାକୁ ହୁଏ। କାଦୁଅମିଶା ପାଣି ସଂଗ୍ରହ କରି ଆଣି ସେମାନେ ଏହାକୁ ବ୍ୟବହାର କରିଥାନ୍ତି। ଗ୍ରାମକୁ ନେଟୱାର୍କ ସୁବିଧା ନାହିଁ। କୌଣସି ଜରୁରୀ ଫୋନ କରିବାକୁ ହେଲେ ଗ୍ରାମଠାରୁ ୪ କିଲୋମିଟର ଦୂର ଗଲେ ବହୁତ କଷ୍ଟରେ ଫୋନ ଲାଗେ ବୋଲି ଗ୍ରାମ ବାସୀ କହିଛନ୍ତି । ସେହିପରି ଗ୍ରାମରେ ସ୍କୁଲ କି ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟ ନାହିଁ। ଗ୍ରାମର ପିଲାମାନେ ପାଠ ପଢିବା ପାଇଁ ଗ୍ରାମଠାରୁ ୧ କିଲୋମିଟର ଯିବାକୁ ପଡେ। ଏହି ରାସ୍ତାରେ ଏକ ନାଳ ପାର ହୋଇ ଯିବାକୁ ହୁଏ। ଛାତ୍ରୀଛାତ୍ରମାନେ ହାତରେ ପୋଷାକ ଧରି ନାଳ ପାରି ହୋଇ ପରେ ପୋଷାକ ପିନ୍ଧି ବିଦ୍ୟାଳୟ ଯାଇଥାନ୍ତି। ନାଳ ଉପରେ ପୋଲ ନାହିଁ। ଯାତାୟାତରେ ପ୍ରତିବନ୍ଧକ ନାଳ ଭିତରେ ପଶି ଗ୍ରାମବାସୀ ଯାତାୟାତ କରିଥାନ୍ତି। ବର୍ଷା ଋତୁ ଆସିଲେ ବେଲଗଛତୁଣ୍ଡା ଗ୍ରାମ ଯେମିତି ବିଚ୍ଛିନ୍ନାଞ୍ଚଳରେ ପରିଣତ ହୁଏ । ଅନ୍ୟ ଦିନରେ ମଧ୍ୟ ନାଳ ପାରି ହେବା କଷ୍ଟକର ହୋଇଥାଏ। ଆଣ୍ଠୁଏ ପାଣିରେ ପଶି ଯାତାୟାତ କରିବାକୁ ହୋଇଥାଏ। ଏହି ଅସୁବିଧା ଯୋଗୁ ଗ୍ରାମକୁ ନାଳପାର ହୋଇ ଗାଡିମୋଟର ଆସିପାରେ ନାହିଁ। ଆମ୍ବୁଲାନ୍ସ ଆସିପାରୁ ନ ଥିବାରୁ ରୋଗୀ ଓ ପ୍ରସୂତିଙ୍କୁ ଖଟିଆ ,ଦୋଳି, କିମ୍ବା ଷ୍ଟ୍ରେଚରରେ ବୋହି ନାଳ ପାରି କରାଯାଏ। ସେହିପରି ଗ୍ରମକୁ ଭଲ ରାସ୍ତାଟିଏ ମଧ୍ୟ ନାହିଁ। ଗ୍ରାମର ରାସ୍ତା ଓ ପାନୀୟ ଜଳ ସମସ୍ୟା ନେଇ ବିଧାୟକଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀମାନଙ୍କୁ ବିଭିନ୍ନ ସମୟରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ବେଲଗଛତୁଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନ ତୁରନ୍ତ ଗ୍ରାମ ସମସ୍ୟା ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।



ନାଳ ଭିତରେ ପଶି ଗ୍ରାମବାସୀ ଯାତାୟାତ କରୁଛନ୍ତି ।

# ନବରଙ୍ଗପୁର ପୌରପାଳିକାର ସଂରକ୍ଷଣ ତାଲିକା ପ୍ରକାଶ

ନବରଙ୍ଗପୁର,୨୫।୨(ବି.ପ୍ର.)–



ଉପଜିଲାପାଳ ଓ ପୌର କର୍ମଚାରୀମାନେ ସଂରକ୍ଷଣ ଓ ଭୋଟର ତାଲିକା ପ୍ରକାଶ କରୁଛନ୍ତି।

ନବରଙ୍ଗପୁର ପୌରପାଳିକାର ଚୂଡ଼ାନ୍ତ ଭୋଟର ତାଲିକା ଓ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ତାଲିକା ଅନୁଯାୟୀ ୱାର୍ଡ ନଂ ୧ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବାବେଳେ ୧୯୪୦ ଭୋଟର ରହିଛନ୍ତି। ୨ ନଂ ୱାର୍ଡ ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ଥିବାବେଳେ ଏଠାରେ ୭୩୫ ଭୋଟର ରହିଛନ୍ତି। ସେହିପରି ୩ ନଂ ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଏଠାରେ ଭୋଟର ସଂଖ୍ୟା ୯୧୯, ୪ ନଂ ୱାର୍ଡ ମହିଳାଙ୍କ ପାଇଁ ଏବଂ ଭୋଟର ସଂଖ୍ୟା ୧୧୦୮, ୫ ନଂ ୱାର୍ଡ ଅଣସଂରକ୍ଷିତ ଥିବାବେଳେ ଭୋଟର ୧୨୧୫ ରହିଛନ୍ତି। ୬ ନଂ ୱାର୍ଡ ଅଣସଂରକ୍ଷିତ ଏବଂ ଭୋଟର ସଂଖ୍ୟା ୧୦୩୭, ୭ ନଂ ୱାର୍ଡ ମହିଳାଙ୍କ ପାଇଁ ଏବଂ ଭୋଟର ୧୩୮୪ ରହିଛି। ୮ ନଂ ୱାର୍ଡ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ଥିବାବେଳେ ଏଠାରେ ୧୨୪୨ ଭୋଟର, ୯ ନଂ ୱାର୍ଡ ଅନୁସୂଚିତ ଜନଜାତିଙ୍କ ପାଇଁ ଓ ଭୋଟର ସଂଖ୍ୟା ୧୧୮୬, ୧୦ ନଂ ୱାର୍ଡ ଅଣସଂରକ୍ଷିତ ଓ ଭୋଟର ୧୨୯୩, ୧୧ ନଂ ୱାର୍ଡ ମହିଳାଙ୍କ ପାଇଁ ଏବଂ ଭୋଟର ସଂଖ୍ୟା ୧୪୦୭, ୧୨ ନଂ ୱାର୍ଡ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ଏବଂ ଭୋଟର ସଂଖ୍ୟା ୧୦୬୭, ୧୩ ନଂ ୱାର୍ଡ ମହିଳାଙ୍କ ପାଇଁ ଏବଂ ୧୮୨୮ ଭୋଟର, ୧୪ ନଂ ୱାର୍ଡ ଅଣସଂରକ୍ଷିତ ଥିବାବେଳେ ଏଠାରେ ଭୋଟର ସଂଖ୍ୟା ୧୭୫୩, ୧୫ ନଂ ୱାର୍ଡ ଅଣସଂରକ୍ଷିତ ଏବଂ ଭୋଟର ୨୨୦୪,

### ୧୭ ୱାର୍ଡରେ ୨୪ ହଜାର ୭୮୫ ଭୋଟର

୧୬ ନଂ ୱାର୍ଡ ଅଣସଂରକ୍ଷିତ ଓ ଭୋଟର ସଂଖ୍ୟା ୨୯୫୦ ରହିଛି। ସେହିପରି ୧୭ ନଂ ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବା ବେଳେ ୧୫୧୭ ଭୋଟର ରହିଛନ୍ତି। ନବରଙ୍ଗପୁର ପେରପାଳିକା ଅଧୀନ ମୋଟ ୧୭ ୱାର୍ଡରେ ୨୪ ହଜାର ୭୮୫ ଭୋଟର ରହିଥିବା ବେଳେ ୨୯ ବୁଥ୍‌ରେ ଭୋଟ ଗ୍ରହଣ ହେବ। ଉପଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଓ ନିର୍ବାଚନ ଅଧିକାରୀ ଅଭିମନ୍ୟୁ ମାଝି ଏହି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ପୌରପାଳିକାର କର୍ମଚାରୀମାନେ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ରାୟଗଡ଼ା, ଶନିବାର, ୨୬ ଫେବୃୟାରୀ, ୨୦୨୨



# ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ: ଗଣତି ପୂର୍ବରୁ ଅଙ୍କକଷା

ମାଲକାନଗିରି,୨୫।୨(ଡି.ଏନ୍.ଏ.)

ରାଜ୍ୟରେ ସରିଛି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ଭୋଟର ନିଜ ମତଦାନ କରିବା ପରେ ଭୋଟ ବାକ୍ସରେ ବନ୍ଦ ହୋଇ ରହିଛି ପ୍ରାର୍ଥୀଙ୍କ ଭାଗ୍ୟ। ତେବେ ଗଣତି ପୂର୍ବରୁ କିଏ କେତେ ଆସନ ହାତେଇବେ ସେନେଇ ଏବେ ସବୁ ଦଳ ମଧ୍ୟରେ ଆରମ୍ଭ ହୋଇଯାଇଛି ଅଙ୍କକଷା। ମାଲକାନଗିରି ଜିଲାରେ ମଧ୍ୟ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଜିଲାରେ ମୋଟ ୧୫ ଜିଲା ପରିଷଦ ଆସନ ପାଇଁ ମତଦାନ ହୋଇଥିଲା। ଚଳିତଥର ଜିଲାରେ ତ୍ରିମୁଖୀ ଲଢ଼େଇ ହୋଇପାରେ ବୋଲି ରାଜନୈତିକ ବିଶ୍ଳେଷକମାନେ ଆକଳନ କରୁଛନ୍ତି। ମାଲକାନଗିରି ବ୍ଲକରେ ଜୋନ୍-୧ ଏବଂ ଜୋନ୍-୨ରେ ବିଜେଡି ଭଲ ସ୍ଥିତିରେ ରହିଛି। ଜୋନ୍-୩ରେ ବିଜେଡିର କଂଗ୍ରେସ ସହ କଡ଼ା ମୁକାବିଲା ହେବ। କାଲିମେଳା ବ୍ଲକରେ ଜୋନ୍-୧ ଏବଂ ଜୋନ୍-୨ରେ ବିଜେଡି ଅଗ୍ରଣୀ ଥିବା ଆକଳନ କରାଯାଉଛି। ତେବେ ଜୋନ୍-୩ରେ ବିଜେଡି ଏବଂ ଭାଜପା ମଧ୍ୟରେ ଲଢ଼େଇ ହେବ। ସେହିପରି ପଡ଼ିଆ ବ୍ଲକରେ ଥିବା ଗୋଟିଏ ମାତ୍ର ଜିଲା ପରିଷଦ ଆସନକୁ ବିଜେଡି ହାତେଇବାକୁ ଲକ୍ଷ୍ୟ ରଖିଛି। ମାଥିଲି ବ୍ଲକରେ କଂଗ୍ରେସ ସହ ବିଜେଡିର ପ୍ରତିଦ୍ୱନ୍ଦ୍ୱିତା ହେବ। ଅଞ୍ଚଳର ଜୋନ୍-୧ ଏବଂ ଜୋନ୍-୨ରେ ବିଜେଡିକୁ କଂଗ୍ରେସ କଡ଼ା ଟକ୍କର ଦେବ। ଜୋନ୍-୩ରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ ବୋଲି ଅନୁମାନ କରାଯାଉଛି। ଖଇରପୁଟ ବ୍ଲକରେ ବିଜେଡି ଭଲ ସ୍ଥିତିରେ ଥାଇ ବ୍ଲକର ଏକମାତ୍ର ଜିଲା ପରିଷଦ ଆସନକୁ ହାତେଇବାକୁ ଯୋଜନା କରିଛି। ସେହିପରି କୋରୁକୋଣ୍ଡା ବ୍ଲକରେ ୨ ଜିଲା ପରିଷଦ ଆସନରୁ ଜୋନ୍-୧ରେ ବିଜେଡି ଓ ଭାଜପା ମଧ୍ୟରେ ଲଢ଼େଇ ହେବ। ଜୋନ୍-୨ରେ କଂଗ୍ରେସ ଏବଂ ବିଜେଡି ପରସ୍ପରକୁ କଡ଼ା ଟକ୍କର ଦେବେ। ଚିତ୍ରକୋଣ୍ଡା ବ୍ଲକରେ ଦୁଇଟି ଆସନରୁ ଜୋନ୍-୧ରେ ଭାଜପା ଓ ବିଜେଡି ମଧ୍ୟରେ ଏବଂ ଜୋନ୍-୨ରେ କଂଗ୍ରେସ ଓ ବିଜେଡି ମଧ୍ୟରେ ଲଢେଇ ହୋଇପାରେ ବୋଲି ରାଜନୈତକ ବିଶେଷଜ୍ଞମାନେ ମତ ରଖିଛନ୍ତି। ସୂଚନାଯୋଗ୍ୟ, ଜିଲାର ୧୫ ଜିଲା ପରିଷଦ ଜୋନ୍ ପାଇଁ ଭାଜପା, ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ସମେତ ୭୨ ଜଣ, ୧୧୧ ପଞ୍ଚାୟତ ପାଇଁ ୪୪୯ ଜଣ ସରପଞ୍ଚ, ୩୮୪ ଜଣ ସମିତିସଭ୍ୟ ଏବଂ ୧୫୦୯ ୱାର୍ଡ ଲାଗି ୧୭୬୮ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ।

## ମାଥିଲିରେ ଷ୍ଟ୍ରଙ୍ଗ ରୁମ୍ ଜଗିଛନ୍ତି ପ୍ରାର୍ଥୀ

ମାଲକାନଗିରି,୨୫।୨ (ଡି.ଏନ.ଏ.)

ସରିଛି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ଶନିବାର ସକାଳ ୮ଟାରୁ ହେବ ଭୋଟ ଗଣନା। ମାଲକାନଗିରି ଜିଲାରେ ପ୍ରଶାସନ ପକ୍ଷରୁ ଏନେଇ ସମସ୍ତ ପ୍ରସ୍ତୁତି ସରିଛି। ଷ୍ଟ୍ରଙ୍ଗରୁମରେ ବାଲଟବକ୍ସଗୁଡ଼ିକ କଡା ସୁରକ୍ଷାରେ ରହିଛି। ମାଥିଲି ବ୍ଲକରେ ପ୍ରଶାସନ ପ୍ରତି ଲୋକଙ୍କ ବିଶ୍ୱାସ ନାହିଁ। ସମସ୍ତ ପ୍ରାର୍ଥୀମାନେ ଏଠାରେ ଷ୍ଟ୍ରଙ୍ଗ ରୁମ ସମ୍ମୁଖରେ ଦିନରାତି ପାଳି କରି ଜଗୁଥିବା ଦେଖିବାକୁ ମିଳିଛି। କାଳେ ବାଲଟ ବାକ୍ସ ଓଲଟପାଲଟ ହେବ ସେଥିପାଇଁ ପ୍ରାର୍ଥୀ ମାନେ ଜଗି ରହିଥିବା ପ୍ରକାଶ କରିଛନ୍ତି। ତେବେ ଚଳିତ ଥର ଗଣନା କାର୍ଯ୍ୟରେ ପ୍ରତ୍ୟେକ ପଞ୍ଚାୟତ ପାଇଁ ୪ଜଣ କର୍ମଚାରୀଙ୍କୁ ଗଣନା କାର୍ଯ୍ୟରେ ନିୟୋଜିତ କରାଯାଇଛି। ସମସ୍ତ ଗଣନାକାରୀଙ୍କୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି। ଗଣନାରେ ଯେଭଳି କୌଣସି ଭୁଲ୍ ନ ହୁଏ ସେଥିପ୍ରତି ସେମାନଙ୍କୁ ତାଗିଦ କରାଯାଇଛି।

## ସଂକ୍ଷେପରେ

### ପୌର ପରିଷଦ ନିର୍ବାଚନ ଘୋଷଣା ପରେ ଲାଗୁ ହେଲା ଆଚରଣ ବିଧି

ମାଲକାନଗିରି,୨୫।୨ (ଡି.ଏନ.ଏ.)- ଶୁକ୍ରବାର ରାଜ୍ୟରେ ପୌର ପରିଷଦ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ନିର୍ବାଚନ ବିଗୁଲ ବାଜିଛି। ଏନେଇ ନିର୍ବାଚନ ଆୟୋଗଙ୍କ ଘୋଷଣା ପରେ ଆଚରଣ ବିଧି ଲାଗୁ ହୋଇଛି। ମାଲକାନଗିରି ପୌର ପରିଷଦ ଓ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ମଧ୍ୟ ସାମାନ ଆଚରଣ ବିଧି ଲାଗୁ ହୋଇଛି। ପୌର ନିର୍ବାଚନ ପାଇଁ ଆସନ୍ତା ୨୮ ତାରିଖଠାରୁ ନାମାଙ୍କନପତ୍ର ଦାଖଲ ପାଇଁ ପ୍ରକ୍ରିୟା ଆରମ୍ଭ ହେବ। ମାର୍ଚ୍ଚ ୨ରୁ ପ୍ରାର୍ଥିପତ୍ର ଦାଖଲ ହେବ। ମାଲକାନଗିରି ପୌର ପରିଷଦରେ ମୋଟ ୧୯ଟି ୱାର୍ଡରେ କାଉନସିଲର ଓ ଅଧକ୍ଷ ପଦ ଲାଗି ନିର୍ବାଚନ ହେବ। ଚଳିତଥର ସାଧାରଣ ବର୍ଗଙ୍କ ନିମନ୍ତେ ଅଧକ୍ଷ ପଦ ସଂରକ୍ଷିତ ରହିଥିବାରୁ ବିଭିନ୍ନ ରାଜନୈତିକ ଦଳରେ ଆଶାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି।

### ୨୬ରେ ଜିଲା ଓକିଲ ସଂଘ ନିର୍ବାଚନ



ଜୟପୁର, ୨୫।୨ (ନି.ପ୍ର.)-ଆସନ୍ତା ମାର୍ଚ୍ଚ ୨୬ରେ ଜିଲା ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ଓକିଲ ସଂଘ କାର୍ଯ୍ୟାଳୟରେ ଶୁକ୍ରବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବରିଷ୍ଠ ଆଇନଜୀବୀ ଦାଶରଥୀ ପଟ୍ଟନାୟକଙ୍କୁ ନିର୍ବାଚନ ଅଧିକାରୀ ରୂପେ ଚୟନ କରାଯାଇଛି। ନିର୍ବାଚନ ପାଇଁ ମାର୍ଚ୍ଚ ୫ରୁ ପ୍ରାର୍ଥିପତ୍ର ଦାଖଲ ହେବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଓକିଲ ସଂଘ ସଭାପତି ସରୋଜ ଦାସ, ଉପ ସଭାପତି ଶରତ ମାଝି, ସମ୍ପାଦକ ଆନନ୍ଦ ରଥ, ଗିରିଧର ଖରା , ହରିଶ ମୁଦୁଲିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

କାଲିମେଳା, ୨୫।୨ (ଡି.ଏନ. ଏ.)- ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ଗମ୍ପାକୋଣ୍ଡା ବିଏସ୍ଏଫ୍ କ୍ୟାମ୍ପ ନିକଟରେ ଗୁରୁବାର ରାତିରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଏଥିରେ ଘଟଣା ସ୍ଥଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କାଲିମେଳା ପଞ୍ଚାୟତର ଏମ୍ଭି-୬୯ ଗ୍ରାମର ପ୍ରେମାନନ୍ଦ ଡାକୁଆଙ୍କ ପୁଅ ଅଭିଜିତ ଡାକୁଆ (୨୨)। ୨ ଗୁରୁତରଙ୍କ ମଧ୍ୟରୁ ଜଣକୁ ପ୍ରଥମେ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରି ପରେ ମାଲାକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଜଣେ କାଲିମେଳାରେ ଚିକିତ୍ସିତ ହେଉଛନ୍ତି। ସେ ମଧ୍ୟ ମାଲାକାନଗିରି ସ୍ଥାନାନ୍ତର ହେବେ ବୋଲି ଜଣାପଡିଛି। ଖବରରୁ ଜଣାପଡିଛି ଏମ୍ଭି-୬୯ ଗ୍ରାମର ଅଭିଜିତ, ଏମ୍ପିଭି-୩୫ ଗ୍ରାମର ବିଷ୍ଣୁ ବୈରାଗୀଙ୍କ ପୁଅ ସାହେବ (୨୪) ଏବଂ ବିଷ୍ଣୁ ବିଶ୍ୱାସଙ୍କ ପୁଅ ନକୁଳ (୨୦) ଏକ ବାଇକ ଯୋଗେ ଏମ୍ପିଭି-୧୦୫ ଗ୍ରାମକୁ ପୂଜା ଦେଖିବାକୁ ଯାଉଥିବା ସମୟରେ ଗମ୍ପାକୋଣ୍ଡା ବିଏସ୍ଏଫ୍ କ୍ୟାମ୍ପ ନିକଟରେ ଭାରସ୍ୟାମ ହରାଇ ଏକ ଗଛରେ ପିଟି ହୋଇଯାଇଥିଲେ। ଫଳରେ ଘଟଣା ସ୍ଥଳରେ ଅଭିଜିତଙ୍କ ମୃତ୍ୟୁ ହୋଇଯାଇଥିଲା। ଅନ୍ୟ୨ ଜଣ ଗୁରୁତର ହୋଇଥିଲେ। ଖବର ପାଇ କାଲିମେଳା ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ଭୋଟ ଗଣତି ଆଜି

କୋରାପୁଟ,୨୫।୨(ସ୍ୱ.ପ୍ର)

ରାଜ୍ୟରେ ଶେଷ ହୋଇଛି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ଏଥିପାଇଁ କୋରାପୁଟ ଜିଲାରେ ୫ଟି ପର୍ଯ୍ୟାୟରେ ମତଦାନ ହୋଇଥିଲା। ଏବେ ଶନିବାର ହେବ ଭୋଟ ଗଣତି। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଭୋଟ ଗଣତି ଲାଗି ଜିଲାର ପ୍ରତ୍ୟେକ ବ୍ଲକରେ ଗଣତି ଆରମ୍ଭରୁ ସମୟାନୁଯାୟୀ ତଥ୍ୟ ପ୍ରଦାନ ପାଇଁ ସମସ୍ତ ବ୍ୟବସ୍ଥା ହୋଇଛି। ଏନେଇ ରହିଥିବା ପୋର୍ଟାଲକୁ କିପରି ବ୍ୟବହାର କରାଯିବ ସେଥିସକାଶେ ଭୁବନେଶ୍ୱର କାର୍ଯ୍ୟାଳୟ ସହ ସମ୍ପର୍କ ରଖି ପୂର୍ବରୁ ଗଣତି ପ୍ରକ୍ରିୟା ଅଭ୍ୟାସ କରାଯାଇଥିବା ଜିଲାପାଳ ଅବଦାଲ ଏମ୍. ଅଖତାର କହିଛନ୍ତି।

## ପ୍ରତି ପଞ୍ଚାୟତର ୱାର୍ଡକୁ ନେଇ ଭୋଟ ଗଣତି

ବୈପାରିଗୁଡା,୨୫।୨(ଡି.ଏନ.ଏ.)–

କୋରାପୁଟ ଜିଲା ବୈପାରିଗୁଡାରେ ୨୬ରେ ଜିଲା ପରିଷଦ ଜୋନ୍-୧ ଓ ୨୭ରେ ଜିଲା ପରିଷଦ ଜୋନ୍-୨ରେ ଭୋଟ ଗଣତି ହେବ ବୋଲି ବ୍ଲକ ପ୍ରସାଶନ ପକ୍ଷରୁ କୁହାଯାଇଛି। ଏହି ୨ ଜୋନ୍ ଅନ୍ତର୍ଗତ ୱାର୍ଡମେମ୍ବର ,ସରପଞ୍ଚ ,ସମିତିସଭ୍ୟ ଓ ଜିଲା ପରିଷଦ ପ୍ରାର୍ଥୀଙ୍କ ଭୋଟ୍ ଗଣତି ହେବ। ପ୍ରତିପଞ୍ଚାୟତର ୱାର୍ଡକୁ ନେଇ ଭୋଟ୍ ଗଣତି ନିରବଚ୍ଛିନ୍ନ ଭାବେ ଚାଲିବ। ଷ୍ଟ୍ରଙ୍ଗ ରୁମ୍‌ରେ କଡା ସୁରକ୍ଷାରେ ଥିବା ଭୋଟ୍ ବାକ୍ସଗୁଡିକ ପ୍ରତି ବିଭିନ୍ନ ରାଜନୈତିକ ଦଳର ସଦସ୍ୟମାନେ କଡା ନଜର ରଖିଛନ୍ତି। କାଳେ କୌଣସି ଅନିୟମିତତା ହେବା ଆଶଙ୍କାରେ କେତେକ ଦଳର ସଦସ୍ୟମାନେ ବାହାରେ ପ୍ରହରା ଦେଉଥିବା ଦେଖିବାକୁ ମିଳିଛି।

# ୟୁକ୍ରେନ୍‌ରେ ଫସିଛନ୍ତି ଜୟପୁର ସହରର ୩ ଡାକ୍ତରୀ ଛାତ୍ରୀଛାତ୍ର

ଜୟପୁର,୨୫।୨(ନି.ପ୍ର.)




ୟୁକ୍ରେନରେ ଫସି ରହିଥିବା ଜୟପୁରର ଛାତ୍ରୀଛାତ୍ର।

ରୁଷ-ୟୁକ୍ରେନ ବିବାଦ ଏବେ ଯୁଦ୍ଧର ରୂପ ନେଇଛି। ୟୁକ୍ରେନ ଉପରେ ରୁଷ ସାମରିକ ଆକ୍ରମଣ କରିଛି। ୟୁକ୍ରେନର ବିଭିନ୍ନ ସ୍ଥାନରେ ଗୁରୁବାର ସକାଳୁ ବିସ୍ଫୋରଣ ଚାଲିଛି। ଯୁଦ୍ଧ ମଧ୍ୟରେ ୟୁକ୍ରେନରେ ଫସି ରହିଥିବା ଭାରତୀୟ ଛାତ୍ରଙ୍କ ସୁରକ୍ଷାକୁ ନେଇ ଭାରତ ଚିନ୍ତିତ। ଏବେ ବି ହଜାର ହଜାର ଛାତ୍ର ୟୁକ୍ରେନରେ ଅଛନ୍ତି। ୟୁକ୍ରେନରେ ରହିଥିବା ଭାରତୀୟଙ୍କ ପାଇଁ ପରିବାର ଲୋକେ ମଧ୍ୟ ଚିନ୍ତାରେ ରହିଛନ୍ତି। କୋରାପୁଟ ଜିଲା ଜୟପୁର ସହରର ପାଠ ପଢିବାକୁ ଯାଇ ୩ ଜଣ ଡାକ୍ତରୀ ଛାତ୍ରୀଛାତ୍ର ସେଠାରେ ଫଶି ରହିଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ ଦୁଇଜଣ ଛାତ୍ରୀ ଥିବାବେଳେ ଜଣେ ଛାତ୍ର ଅଛନ୍ତି। ସେହିପରି କୋଟପାଡ ଅଞ୍ଚଳରୁ ମଧ୍ୟ କେତେକ ଛାତ୍ରୀଛାତ୍ର ସେଠାରେ ଡାକ୍ତରୀ ପଢୁଛନ୍ତି। ବର୍ତ୍ତମାନ ଭେନିସ୍ତିଆ ସହରରେ ଥିବା ନ୍ୟାଶନାଲ ମେଡିକାଲ ୟୁନଭରସିଟିରେ ୩ ଛାତ୍ରୀଛାତ୍ର ଏମ୍‌ବିବିଏସ୍ ପଢୁଥିବା ଜଣାପଡିଛି। ସେଠାରୁ ଛାତ୍ରୀଛାତ୍ରମାନଙ୍କୁ ନିରାପଦରେ ଫେରାଇ ଆଣିବାକୁ ପରିବାର ଲୋକେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି।

ରାଜଧାନୀ କିଭ୍‌ରେ ଫଶି ରହିଥିବା ଜୟପୁର ଲିଙ୍ଗରାଜନଗରର ଛାତ୍ରୀ ପ୍ରଜ୍ଞା ଲିପ୍ସା ପାତ୍ର କହିଛନ୍ତି ଯେ, ଏଠାରେ ଲୋକେ ଖାଦ୍ୟ ଓ ଜଳ ପାଇଁ ସଂଘର୍ଷ କରୁଛନ୍ତି। ୫୦ରୁ ୬୦ ଭାରତୀୟ ଛାତ୍ର ଏକ ହଷ୍ଟେଲରେ ଫଶି ରହିଛନ୍ତି ଏବଂ ପାଣି ପାଇଁ ଧାଁ ଦଉଡ କରୁଛନ୍ତି। ଏଠାରେ ଦୋକନ ବଜାରରେ ଖାଦ୍ୟ ପାନୀୟ ସବୁ ସରିଯାଇଛି। ଆକାଶମାର୍ଗ ବନ୍ଦ ହେବା ପରେ ଏୟାରଇଣ୍ଡିଆ ବିମାନ ମଧ୍ୟ ଫେରିଯାଇଛି ବୋଲି ପ୍ରଜ୍ଞା କହିଛନ୍ତି।

ୟୁକ୍ରେନ ନ୍ୟାସନାଲ ମେଡିକାଲ ୟୁନିଭରସିଟିରେ ପଢୁଥିବା ଜଣେ ଛାତ୍ର କହିଛନ୍ତି, ଗୋଟିଏ ଫ୍ଲାଟରେ ସେମାନେ ୩ ଜଣ ସାଙ୍ଗ ଫଶି ରହିଛନ୍ତି। ଆଖପାଖ ବଜାରରେ ଖାଦ୍ୟ ପାନୀୟ ସରିଯାଇଛି। ବିମାନବନ୍ଦରରେ ବୋମା ବିସ୍ଫୋରଣ ହୋଇଛି, ସେଠାରୁ ଧୂଆଁ ଉଠୁଛି। ଏଭଳି ପରିସ୍ଥିତିରେ ସେମାନେ ୟୁକ୍ରେନରୁ ବାହାରକୁ ଯାଇପାରିବେ ନାହିଁ। ସରକାର ତାଙ୍କୁ ଏୟାରଲିଫ୍ଟ କରାନ୍ତୁ କିମ୍ବା ପୋଲାଣ୍ଡ ସୀମାକୁ ନେଇଯାଆନ୍ତୁ ବୋଲି ଛାତ୍ର ଜଣକ ନିବେଦନ କରିଛନ୍ତି

ୟୁକ୍ରେନରେ ଫସିଥିବା ଭାରତୀୟଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ସରକାର ଏକ ସ୍ୱତନ୍ତ୍ର ସହାୟତା କେନ୍ଦ୍ର ଖୋଲିଛନ୍ତି। ଏହି କେନ୍ଦ୍ର ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଓ ଅନ୍ୟ ସମସ୍ତ ଏ ସମ୍ପର୍କିତ ଏଜେନ୍ସିମାନଙ୍କ ସହ ସମନ୍ୱୟ ରକ୍ଷା କରିବ। ଏଥିପାଇଁ ଆବାସିକ କମିଶନର ରବିକାନ୍ତଙ୍କୁ ଶୀର୍ଷ ଅଧିକାରୀ ରୂପେ ନିଯୁକ୍ତ କରାଯାଇଛି। ତାଙ୍କୁ ୮୫୨୭୮୫୦୨୪୫ (ମୋବାଇଲ ଓ ୦୧୧-୨୩୦୧୨୭୫୧ ହ୍ୱାଟ୍ସଆପ ନମ୍ବରରେ ଯୋଗାଯୋଗ କରବାକୁ କୁହାଯାଇଛି।।

# ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହେବ ଜଗନ୍ନାଥ ସାଗର: ବିଧାୟକ

ଜୟପୁର,୨୫।୨(ନି.ପ୍ର.)

ରାଜ୍ୟର ମୁଖ୍ୟ ପର୍ଯ୍ୟଟନ ସ୍ଥଳୀ ହେବ ଜୟପୁରର ଐତିହାସିକ ଜଗନ୍ନାଥ ସାଗର। ଏହି ସାଗରରେ ଶହେ କୋଟି ଟଙ୍କା ବିନିଯୋଗ ହେବ। ମତ୍ସ୍ୟ ବିଭାଗ ଅଧୀନରେ ଥିବା ସମସ୍ତ ଜମି ସାଗର ଖାତାକୁ ଆସିବ। ଏନେଇ କାର୍ଯ୍ୟ ଆରମ୍ଭ ହୋଇଗଲାଣି। ଜୟପୁରବାସୀଙ୍କ ବହୁଦିନର ଦାବି ପୂରଣ ହେବ ବୋଲି ଶୁକ୍ରବାର ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଧାୟକ ତାରାପ୍ରସାଦ ବାହିନୀପତି ଏହା ପ୍ରକାଶ କରିଛନ୍ତି। ଜୟପୁର ଖଜୁରିବନ୍ଧ, ଗୋବର୍ଦ୍ଧନ ମୁଣ୍ଡା ସାଗର କାର୍ଯ୍ୟ ଶେଷ ହେବାକୁ ଯାଉଥିବା ବେଳେ ନୀଳକଣ୍ଠ ସାଗର ପାଇଁ ଟଙ୍କା ମଞ୍ଜୁର ହୋଇଛି। ଖୁବ୍‌ଶୀଘ୍ର ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହେବ। ଜଗନ୍ନାଥ ସାଗରର ବର୍ତ୍ତମାନ ଦଳ ଓ ପଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଦୂଷିତ ଜଳ ସାଗର ମଧ୍ୟକୁ ଯେପରି ନ ପଶିବ ସେଥିପାଇଁ ସର୍ଭେ କରାଯାଉଛି। ଏହି ସାଗରର ବିକାଶ ପାଇଁ ଟଙ୍କାର ଅଭାବ ରହିବ ନାହିଁ। ଅତ୍ୟାଧୁନିକ ରୂପ ଦେଇ ସାଗରକୁ ପୁନରୁଦ୍ଧାର କରାଯିବ। ଏହା ଆଗାମୀ ଦିନରେ ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ହେବ ବୋଲି ବିଧାୟକ କହିଛନ୍ତି।

# ଅନ୍ନପୂର୍ଣ୍ଣା ଭବନ କୋଠାଗୃହ ଲୋକାର୍ପଣ କଲେ ବିଧାୟକ




ଲୋକାର୍ପଣ କାର୍ଯ୍ୟକ୍ରମରେ ବିଧାୟକ ତାରାପ୍ରସାଦ ବାହିନୀପତି ଉଦ୍‌ବୋଧନ ଦେଉଛନ୍ତି।

ଜୟପୁର,୨୫।୨(ନି.ପ୍ର.)

ଜୟପୁର ବକ୍ସିସାହିଠାରେ ତ୍ରିନାଥ ସେବା ପରିଷଦ ଆନୁକୂଲ୍ୟରେ ନବନିର୍ମିତ ଅନ୍ନପୂର୍ଣ୍ଣା ଭବନ କୋଠାଗୃହର ଲୋକାର୍ପଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବସ୍ ରହଣି ଛକ ନିକଟରେ ହୋଇଥିବା ସ୍ୱର୍ଗତ କୃଷ୍ଣଚନ୍ଦ୍ର ରଥଙ୍କ ସ୍ମୃତିରେ ନିର୍ମିତ ଏହି ଭବନ ଏବଂ ଏକ ଯାତ୍ରୀ ପ୍ରତୀକ୍ଷାଳୟକୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଲୋକାର୍ପଣ କରିଥିଲେ। ଏହି ଅବସରରେ ଭବନ ନିର୍ମାଣରେ ନିୟୋଜିତ କାରିଗରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱରେ ଥିବା ତ୍ରିନାଥ ସେବା ପରିଷଦ ପକ୍ଷରୁ ଅନ୍ନପୂର୍ଣ୍ଣା ରଥ ଓ ବିଧାୟକ ବାହିନୀପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ସଭାପତି ପରେଶ ରଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର ପରିଚାଳନା କରିଥିଲେ। ସୁବାସ ମହାପାତ୍ର, ସୁରେନ୍ଦ୍ର ନାଥ ମହାପାତ୍ର, ସନ୍ତୋଷ ଦାସ, କେ. ଚିରଞ୍ଜୀବୀ ରାଓ, ଦୟାନିଧି ରଥ, କାହ୍ନୁ ଗନ୍ତାୟତ, ଦେବାଶିଷ ମହାପାତ୍ର, ପିଣ୍ଟୁ ରଥ, ହରି ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ତ୍ରିନାଥ ସେବା ପରିଷଦ ଜୟପୁର ସହରର ଏକ ପ୍ରାଚୀନ ସେବା ସଙ୍ଗଠନ। ବୃକ୍ଷରୋପଣ, ପୋଖରୀ ସଫେଇ, ଗରିବଙ୍କୁ ଶୀତବସ୍ତ୍ର ବଣ୍ଟନ ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ପରିଷଦ କରିଆସୁଛି।

## ରୁଷିଆ ଆକ୍ରମଣକୁ ଏସ୍‌ୟୁସିଆଇର ନିନ୍ଦା

ବୈପାରିଗୁଡା,୨୫।୨ (ଡି.ଏନ୍.ଏ.)

ସମ୍ପ୍ରତି ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ଘଟଣା ନେଇ ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ ପାର୍ଟି) ଦୃଢ ନିନ୍ଦା କରିଛି। ଏନେଇ ପାର୍ଟି ପକ୍ଷରୁ ସର୍ବ ଭାରତୀୟ ସାଧାରଣ ସମ୍ପାଦକ କମ୍ରେଡ୍ ପ୍ରଭାସ ଘୋଷ କହିଛନ୍ତି ଯେ, ୟୁକ୍ରେନ୍ ଉପରେ ଏକତରଫା ଆକ୍ରମଣକୁ ତାଙ୍କ ଦଳ ନିନ୍ଦା କରୁଛି। ନାଟୋ ଜରିଆରେ ସାମ୍ରାଜ୍ୟବାଦୀ ଆମେରିକା ଅଧିକାଂଶ ପୂର୍ବ ୟୁରୋପୀୟ ରାଷ୍ଟ୍ରଗୁଡିକୁ ନିଜ ସପକ୍ଷରେ ରଖିଛି। ଋଷିଆ ତାହାର ପ୍ରତିଯୋଗୀ ଭାବେ ୟୁକ୍ରେନ୍ ଉପରେ ପ୍ରଭାବ ବିସ୍ତାର ପାଇଁ ଏହି ଯୁଦ୍ଧ ସଂରଚନା କରିଛି ବୋଲି ଘୋଷ କହିଛନ୍ତି। ଏହି ସମୟରେ ସ୍ଥାନୀୟ ଏସ୍‌ୟୁସିଆଇ ପାର୍ଟିର ଜିଲା ସମ୍ପାଦକ କାହ୍ନୁ ବିଶ୍ୱାଳ,ବ୍ଲକ ସମ୍ପାଦକ ସୂର୍ଯ୍ୟ ନାରାୟଣ ବିଶୋୟୀ,ରାମ ବାରିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଗଛରୁ ଝୁଲନ୍ତା ମୃତଦେହ ଜବତ

ଆସିକା,୨୫।୨(ଡି.ଏନ.ଏ)–

ଆସିକା-କବିସୂର୍ଯ୍ୟନଗର ମୁଖ୍ୟରାସ୍ତାର ବାଘୁଆଶଙ୍କ ନିକଟରେ ଏକ ଗଛରୁ ଜଣେ ବୟସ୍କ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ପୋଲିସ ଜବତ କରିଛି। ଘଟଣା ସମ୍ପର୍କରେ ଖାରିଆ ସରପଞ୍ଚ ଅରବିନ୍ଦ ଲେଙ୍କା ଏତଲା କ୍ରମେ ସ୍ଥାନୀୟ ପୋଲିସ ନଂ. ୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହକୁ ଆସିକା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇଥିବା ବେଳେ ମୃତକଙ୍କ ପରିଚୟ ମିଳିନଥିବା ଜଣାଯାଇଛି।

# ୧୪ କମ୍ପ୍ୟୁଟର ୪ବର୍ଷ ହେଲା କାର୍ଯ୍ୟକ୍ଷମ ହୋଇପାରୁନି

କୋରାପୁଟ,୨୫।୨(ସ୍ୱ.ପ୍ର.)

- ଆଧାର କାର୍ଯ୍ୟ ପାଇଁ କୋରାପୁଟ ବିଏସ୍ଏନ୍ଏଲ୍ ସର୍କଲକୁ ଆସିଥିଲା
- କର୍ତ୍ତୃପକ୍ଷଙ୍କ ନିକଟରେ ଠିକ୍ ତଥ୍ୟ ନାହିଁ
- ଆଉଟ୍ ସୋର୍ସିଂ ମାଧ୍ୟମରେ ଚଳାଯିବା ଲକ୍ଷ୍ୟ

କେନ୍ଦ୍ର ସରକାରଙ୍କ ଆଧାର କାର୍ଡ କାର୍ଯ୍ୟ କରିବାକୁ କୋରାପୁଟସ୍ଥିତ ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍ଏନ୍ଏଲ୍) ଟେଲିକମ ସର୍କଲକୁ ଆସିଥିବା ୧୪ଟି କମ୍ପ୍ୟୁଟର ଏବେ ଉଭାନ ହୋଇଯାଇଛି। ଏନେଇ କର୍ତ୍ତପକ୍ଷଙ୍କ ନିକଟରେ ଠିକ ତଥ୍ୟ ନ ଥିବା ଜଣାପଡିଛି। ଗତ ୨୦୧୯ ଜୁଲାଇ ୮ରେ କେନ୍ଦ୍ର ଟେଲିକମ ବିଭାଗ ପକ୍ଷରୁ ଅବିଭକ୍ତ କୋରାପୁଟ ଜିଲା ସମେତ ରାଜ୍ୟର ବିଭିନ୍ନ ଜିଲାର ଜନସାଧାରଣଙ୍କ ଆଧାର ସମ୍ପର୍କିତ ସମସ୍ତ କାର୍ଯ୍ୟ କରିବାକୁ ଓଡିଶାର ୯୫ ଟି କେନ୍ଦ୍ରକୁ ୧୯୦ଟି କମ୍ପ୍ୟୁଟର ଯୋଗାଣ ହୋଇଥିଲା। ସେଥିରୁ କୋରାପୁଟ ଟେଲିକମ ସର୍କଲକୁ ୧୪ ଟି କମ୍ପ୍ୟୁଟର ଆସିଥିଲା। ଏଥିରୁ କୋରାପୁଟ ଟେଲିକମ କାର୍ଯ୍ୟାଳୟର ୨ଟିକେନ୍ଦ୍ରରେ ୪ଟି କମ୍ପ୍ୟୁଟର ପ୍ରଦାନ କରାଯାଇଛି। ଜୟପୁର, ନବରଙ୍ଗପୁର, ରାୟଗଡା, ଗୁଣୁପୁର, ମାଲକାନଗିରି ଟେଲିକମ କାର୍ଯ୍ୟାଳୟ ପାଇଁ ୨ଟି ଲେଖାଏ କମ୍ପ୍ୟୁଟର ପଠାଇ ଆଧାର କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳର ଲୋକେ ସୁଲଭ ଦରରେ ସେମାନଙ୍କ ଆଧାର ସମ୍ପର୍କିତ ସମସ୍ତ କାର୍ଯ୍ୟ କରିପାରିବା ନେଇ ଲକ୍ଷ୍ୟ ରଖାଯାଇଥିଲା। ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ବାରମ୍ବାର ଅଭିଯୋଗ ପରେ ରାଜ୍ୟର ୨୩ ଟି ସ୍ଥାନରେ କମ୍ପ୍ୟୁଟର କାର୍ଯ୍ୟକାରୀ କରାଯାଇଥିବା ବେଳେ କୋରାପୁଟ ଟେଲିକମ ସର୍କଲ ଅଧୀନରେ ଥିବା କେବଳ ଗୁଣୁପୁର କେନ୍ଦ୍ରରେ ଗୋଟିଏ କମ୍ପ୍ୟୁଟର ଦ୍ୱାରା କାର୍ଯ୍ୟ ଆରମ୍ଭ ହୋଇଛି। ଅନ୍ୟ କେନ୍ଦ୍ରଗୁଡିକରେ ବର୍ତ୍ତମାନ ସୁଦ୍ଧା କମ୍ପ୍ୟୁଟର କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଦୀର୍ଘ ୪ବର୍ଷ ପରେ ମଧ୍ୟ ଏହି କମ୍ପ୍ୟୁଟର କାହିଁକି କାର୍ଯ୍ୟକ୍ଷମ ହୋଇପାରିନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ କୋରାପୁଟ ବିଏସ୍ଏନ୍ଏଲ୍ ଟେଲିକମ ସର୍କଲର ଡିଜିଏମ ଏସ.କେ. ମହାପାତ୍ରଙ୍କୁ ପଚାରିବାରୁ ସେ କହିଲେ ଯେ, ଆମର ଆବଶ୍ୟକ କର୍ମଚାରୀ ନାହାନ୍ତି, ଯେଉଁମାନେ ଥିଲେ ସେମାନେ ସ୍ୱେଚ୍ଛାକୃତ ଅବସର ନେଇଯାଇଥିବାରୁ କେନ୍ଦ୍ରଗୁଡିକରେ କମ୍ପ୍ୟୁଟର କାର୍ଯ୍ୟକ୍ଷମ ହୋଇପାରିନାହିଁ। ତେବେ ଅତି ଶୀଘ୍ର ଆଉଟ ସୋର୍ସି ମାଧ୍ୟମରେ ଏହାକୁ ଚାଲୁ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।




# ମାଥାଲପୁଟ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପୋଲିଓ ସଚେତନତା ରଥ ଶୁଭାରମ୍ଭ

ଦାମନଯୋଡି,୨୫।୨(ଡି.ଏନ.ଏ.)–

କୋରାପୁଟ ବ୍ଲକରେ ଆସନ୍ତା ୨୭ରୁ ପଲସ ପୋଲିଓ ଟିକାକରଣ ନିମନ୍ତେ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ୦ ରୁ ୫ ବର୍ଷ ବୟସର ଶିଶୁଙ୍କ ପାଇଁ ପୋଲିଓ ପ୍ରତିଷେଧକ ଦୁଇବୁନ୍ଦା ଟିକା ପ୍ରଦାନ କରାଯିବ। ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୮୯୧୮ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ ପାଇଁ ୭୬ଟି ବୁଥର ବ୍ୟବସ୍ଥା ହୋଇଛି। ଗୁରୁବାର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁମନ କୁମାର ଟପ୍ପୋ ସବୁଜ ପତାକା ଦେଖାଇ ପୋଲିଓ ସଚେତନତା ରଥର ଉଦ୍‌ଘାଟନ କରିଥିଲେ। ଏହି ରଥ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ବୁଲି ଲୋକଙ୍କୁ ପୋଲିଓ ସମ୍ପର୍କରେ ସଚେତନ କରିବ। ଉଦଘାଟନ ଅବସରରେ ବିପିଏମ ନୂତନ ସିଂହ, ଭାରପ୍ରାପ୍ତ ପିଏଚଇଓ ମକର ଜାନିଙ୍କ ସହିତ କର୍ମଚାରୀ, ସୁପରଭାଇଜର ଓ ସ୍ୱାସ୍ଥ୍ୟକର୍ମୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପୋଲିଓ କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ୭ ଜଣ ପରିଦର୍ଶକଙ୍କୁ ନିୟୋଜିତ କରାଯାଇଛି। ପ୍ରଥମ ଦିନ ବୁଥ ମାନଙ୍କରେ ପୋଲିଓ ବୁନ୍ଦା ପ୍ରଦାନ ପରେ ପରବର୍ତ୍ତୀ ଦୁଇଦିନ ଆଶା ଓ ସ୍ୱାସ୍ଥ୍ୟ କର୍ମୀ ଘରକୁ ଘର ଯାଇ ଟିକା ନେଇ ନ ଥିବା ପିଲାଙ୍କୁ ଟିକାଦାନ କରିବେ।

# ମଣ୍ଡିରୁ ଧାନ ଉଠୁନି, ପ୍ରଶାସନ ନୀରବ

କୁନ୍ଦୁରା,୨୫।୨(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ରବିଋତୁରେ ଚାଷୀଙ୍କ ଧାନରୁଆ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମାତ୍ର ଚାଷୀର ଖରିଫ ଋତୁରେ ଅମଳ ଧାନ ବିକ୍ରି ସରିନାହିଁ। ଦୀର୍ଘଦିନ ଧରି ମଣ୍ଡିରେ ଧାନ ପଡ଼ିରହୁଛି। ମିଳିଥିବା ଖବର ଅନୁସାରେ ବ୍ଲକର ୧୧ଟି ମଣ୍ଡିରୁ କୁନ୍ଦୁରାର ୨୨ଜଣ ଚାଷୀଙ୍କଠାରୁ ୯୭୯ କୁଇଣ୍ଟାଲ ଧାନ, ଦିଗାପୁରର ୭୫୮ ଚାଷୀଙ୍କଠାରୁ ୩୬,୯୯୨ କୁଇଣ୍ଟାଲ, ଫୁପୁଗାଁ ୪୮୩ ଚାଷୀଙ୍କଠାରୁ ୨୩,୬୭୮ କୁଇଣ୍ଟାଲ, ଲିମା ୫୮୭ ଚାଷୀଙ୍କଠାରୁ ୨୭,୫୦୯ କୁଇଣ୍ଟାଲ,ପଖନାଗୁଡ଼ାର...... ଚାଷୀଙ୍କଠାରୁ ୨୦,୩୦୪ କୁଇଣ୍ଟାଲ,ରାଣୀଗୁଡ଼ା ୩୪୫ ଚାଷୀଙ୍କଠାରୁ ୧୬,୯୧୨ କୁଇଣ୍ଟାଲ, ତାରାପୁଟ ୫୮୨ ଚାଷୀଙ୍କଠାରୁ ୨୭, ୭୭୦ କୁଇଣ୍ଟାଲ, ମସିଗାଁ ୪୩୬ ଚାଷୀଙ୍କଠାରୁ ୨୦,୪୭୪ କୁଇଣ୍ଟାଲ, ଘୁମର ୩୫୩ ଚାଷୀଙ୍କଠାରୁ ୧୫, ୮୪୬ କୁଇଣ୍ଟାଲ,ବାଗଦେରି ୨୧୭ ଚାଷୀଙ୍କଠାରୁ ୯୬୦୨ କୁଇଣ୍ଟାଲ ଏବଂ ଉଦଲଗୁଡ଼ାର ୪୪୨ ଚାଷୀଙ୍କଠାରୁ ୨୧ହଜାର୧୪ କୁଇଣ୍ଟାଲ ଧାନ ସମବାୟ ବିଭାଗର ଅଧୀନରେ କ୍ରୟ କରାଯାଇଛି। ସେହିଭଳି ବ୍ଲକରେ ୩ଟି ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ଧାନ କ୍ରୟ କରିଛନ୍ତି। ଏହାସତ୍ତ୍ୱେ ପଞ୍ଜୀକୃତ ଚାଷୀ ଧାନ ବିକ୍ରି କରିପାରିନାହାନ୍ତି। ଏ ବିଷୟରେ ପ୍ରଶାସନ ନିକଟରେ ଖବର ଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏବେ ମଧ୍ୟ ରାଣୀଗୁଡ଼ା ମଣ୍ଡିରେ ୧୧୩୪ କୁଇଣ୍ଟାଲ,ବାଗଦେରିରେ ୫୦୦ କୁଇଣ୍ଟାଲ,ପଖନାଗୁଡ଼ାରେ ୭୩୪ କୁଇଣ୍ଟାଲ, ମସିଗାଁରେ ୬୩୪ କୁଇଣ୍ଟାଲ, ଘୁମରରେ ୪୯୭ କୁଇଣ୍ଟାଲ, ଫୁପୁଗାଁରେ ୫୧୪ କୁଇଣ୍ଟାଲ, ଲିମାରେ ୨୨୦୧ କୁଇଣ୍ଟାଲ, ତାରାପୁଟରେ ୧୧୭୬ କୁଇଣ୍ଟାଲ, ଦିଗାପୁରରେ ୩୦୦ କୁଇଣ୍ଟାଲ,ଉଦଲଗୁଡ଼ା ମଣ୍ଡିରେ ଧାନ ପଡ଼ିରହିଛି। ଏଥିସହ ଖଟଲାପଦର ଏକୋଇଶ ଭଉଣୀ ସ୍ୱୟଂ ସହାୟକ ଗୋଷ୍ଠୀ ନିକଟରେ ୫୦୦୦ କୁଇଣ୍ଟାଲ ଓ ମହାମାୟୀ ସ୍ୱୟଂ ସହାୟକ ଗୋଷ୍ଠୀ ନିକଟରେ ୩୧୦୮ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ରହିଛି। ପଡ଼ି ରହିଥିବା ଏହି ଧାନକୁ ମଣ୍ଡିରୁ ତୁରନ୍ତ ଉଠାଇବା ଲାଗି ବିଭିନ୍ନ ସମୟରେ ଚାଷୀ ଦାବିକରି ଆସୁଥିଲେ ମଧ୍ୟ ପ୍ରଶାସନ ନୀରବ ରହିଛି। ତୁରନ୍ତ ଧାନ ନ ଉଠିଲେ ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଆଦିବାସୀ ପାଳିଲେ ବିମାଲ ପର୍ବ

ମାଲକାନଗିରି,୨୫।୨ (ଡି.ଏନ.ଏ.)



କୋୟା ଆଦିବାସୀମାନେ ବିମାଲ ପର୍ବ ପାଳନ କରୁଛନ୍ତି।

ମାଲକାନଗିରି ଜିଲାରେ ଆଦିବାସୀ ସମ୍ପ୍ରଦାୟର କୋୟା, ବଣ୍ଡା, ଗାଦବା, ଦିଦାୟୀ, ପରଜା, ଭୂମିଆ ଭଳି ଜନଜାତି ନିଜର ସଂସ୍କୃତି ଓ ପରମ୍ପରା ସହ ବିଭିନ୍ନ ପର୍ବପର୍ବାଣି ପାଳନ କରିଥାନ୍ତି। ଜିଲାରେ ଏଭଳି ଏକ ଜନଜାତି ହେଉଛନ୍ତି କୋୟା ଜନଜାତି। ଏହି ପୁରାତନ ଜନଜାତିଙ୍କ ପର୍ବପର୍ବାଣିରେ ରହିଛି ସ୍ୱତନ୍ତ୍ରତା। ନିକଟରେ ସେମାନେ ବିମାଲ ପର୍ବକୁ ଧୁମଧାମରେ ପାଳନ କରିଛନ୍ତି। ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ କତାମାଟେରୁ ଗ୍ରାମରେ ଶତାଧିକ ସଂଖ୍ୟାରେ କୋୟା ସମ୍ପ୍ରଦାୟ ଏକାଠି ହୋଇ ବିମାଲ ପର୍ବ ପାଳନ କରିଥିଲେ। ଆଦିବାସୀମାନେ ବର୍ଷସାରା କଷ୍ଟ କରି ଉତ୍ପାଦନ କରିଥିବା ଧାନ, ସୁଆ, ମାଣ୍ଡିଆ, ଜବା, ମକ୍କା ଆଦି ଶସ୍ୟ ପ୍ରଥମେ ଭୋଗ ରୂପେ ନିଜ ଇଷ୍ଟଦେବୀ ଓ ଗ୍ରାମଦେବୀଙ୍କ ସମ୍ମୁଖରେ ସମର୍ପଣ କରି ପ୍ରଥମ ଭୋଗକୁ ଗ୍ରାମ ଦିସାରୀଙ୍କ ଦ୍ୱାରା ସମସ୍ତଙ୍କୁ ପ୍ରସାଦ ଭାବେ ସେବନ କରାଇ କୋୟା ନାଚ ଗୀତରେ ବିମାଲ ପର୍ବ ପାଳନ କରିଥାନ୍ତି। ଏହି ପର୍ବ ତିନିଦିନ ଧରି ଚାଲେ। ନିୟମ ଅନୁଯାୟୀ ଗ୍ରାମରେ ସବୁ କାର୍ଯ୍ୟ ବନ୍ଦ ରହି କେବଳ ପୂଜା ହିଁ ହୁଏ। ପର୍ବକୁ ଗ୍ରାମ ପୁଜାରୀ ଦେବା ମାଡକାମି, ସଞ୍ଜୟ ସୋଡି, ଆନ୍ଦା ସୋଡି, ସୋନା ସୋଡି, ଭିମା ମାଡକାମି ପ୍ରମୁଖ ପରିଚାଳନା କରିଥିଲେ।

